ସମାଜ
Date: 22/06/2018

# ରେଳବାଇ ଓ ଆଇଆଇଟି



ଜଟଣୀ, ୨୧।୬ (ନି.ପ୍ର): ଖୋର୍ଦ୍ଧାରୋଡ଼ ରେଳବାଇ ଏବଂ ଭୁବନେଶ୍ୱର ଆଇଆଇଟିରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି । ଖୋର୍ଦ୍ଧାରୋଡ଼ ରେଳବାଇ ଅଫିସର୍ସ କ୍ଲବରେ ଡିଆରଏମ୍ ବ୍ରଜମୋହନ ଅଗ୍ରୱାଲ ଏବଂ ରେଳବାଇ ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଶିଖା ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରିଥିଲେ । ଜଟଣୀ ପତଞ୍ଜଳି ଯୋଗ ସମିତିର ଯୋଗ ଗୁରୁ କୈଳାସଚନ୍ଦ୍ର ଖଣ୍ଡେଲୱାଲ ଯୋଗଦେଇ ଯୋଗାଭ୍ୟାସ କରାଇଥିଲେ । ବରିଷ୍ଠ ଡିପିଓ ସୁରେଶ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରେଳବାଇର ବ୍ରାଞ୍ଚ ଅଫିସର, କର୍ମଚାରୀ, ସ୍କାଉଟ୍ସ ଓ ଗାଇଡ୍‌ସ୍ ଅଂଶଗ୍ରହଣ କରିଥିଲେ ବୋଲି ଖୋର୍ଦ୍ଧାରୋଡ଼ ରେଳବାଇର ମୁଖପାତ୍ର ବରିଷ୍ଠ ଡ଼ିସିଏମ୍ ସସ୍ମିତ ସୌରଭ ନାୟକ ସୂଚନା ଦେଇଛନ୍ତି ।

ସେହିପରି ଜଟଣୀ ଅରୁଗୁଳସ୍ଥିତ ଭୁବନେଶ୍ୱର ଆଇଆଇଟି ସଭାଗୃହରେ ଚତୁର୍ଥ ଆର୍ନ୍ତଜାତିକ ଯୋଗଦିବସ ପାଳିତ ହୋଇଯାଇଛି । ଆଇଆଇଟିର ଛାତ୍ରଛାତ୍ରୀ, କର୍ମଚାରୀ, ଆଖପାଖ ଖୁଦୁପୁର, କଂସପଦା ଓ ପୋଡ଼ପଡ଼ା ଗ୍ରାମର ସ୍କୁଲ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାର ଯୋଗଦେଇ ଯୋଗର ଉପାଦେୟତା ଉପରେ ଆଲୋକପାତ କରିଥିଲେ ।

ଦି ଆର୍ଟ ଅଫ୍ ଲିଭିଂ ଇନ୍‌ଷ୍ଟିଚ୍ୟୁଟରେ ଶ୍ୟାମ ଅଗ୍ରୱାଲ ଯୋଗାଭ୍ୟାସ କରାଇଥିଲେ । ଡ. ବି.ହନୁମନ୍ତରାଓ, ଡ଼. ଏସ.ଏସ.ଯାଦବ, ଡ଼ିନ୍ ପ୍ରଫେସର ପି.ଡ଼ି.ରେଡ଼ି, ଡ.ଶଙ୍କର୍ଷଣ ମହାପାତ୍ର, ଆଇଆଇଟିର ରେଜିଷ୍ଟ୍ରାର ଦେବରାଜ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।